## ସଂକ୍ଷେପରେ

### ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ

ଗଞ୍ଜାମ,୬।୬(ଡି.ଏନ.ଏ.)-ଗଞ୍ଜାମ ଏନଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ ଏବଂ ଏନଏସି ଇଓ ଅବିନାଶ ମିଶ୍ରଙ୍କ ଉପସ୍ଥିତିରେ ୩୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କୁ ପରିଚୟ ପତ୍ର ଦିଆଯାଇଛି। ରାଜ୍ୟ ସରକାରଙ୍କ ଗାରିମା ଯୋଜନାରେ କର୍ମ ଛୋଟ କିମ୍ବା ବଡ଼ ସମସ୍ତଙ୍କ ସ୍ୱତନ୍ତ୍ର ପରିଚୟ ରହିବା ଆବଶ୍ୟକ ବୋଲି ଏନଏସି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାନିଟେସନ ଏକ୍ସପୋଟ ସୁମିତ କୁମାର ବେହେରା, ପରିମଳ ଜମାଦାର ଉତ୍ତମ ବେହେରା, ସିଏମଏମ ଭାଗ୍ୟଶ୍ରୀ ନାୟକ, ମୁକ୍ତା ଯୋଜନା ଅଧିକାରୀ ଚିନ୍ମୟ ପୃଷ୍ଟି, ସିଓ ସ୍ୱପ୍ନାରାଣୀ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର, ହେଲ୍‌ପର ଗୁରୁତର



ଜି.ଉଦୟଗିରି,୬।୬(ଡି.ଏନ.ଏ.) କଳିଙ୍ଗା ଠାରୁ ଜି.ଉଦୟଗିରି ରାଜ୍ୟ ରାଜପଥର ନନ୍ଦଗିରି ପଣସବାଙ୍କୀ ନିକଟରେ ମଙ୍ଗଳବାର ଅପରାହ୍ନରେ ଆଜବେଷ୍ଟସ ବୋଝେଇ ଟ୍ରକ (ଓଡି ୦୭ ଏ କେ ୦୬୩୭) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ସଦାନନ୍ଦ ପ୍ରଧାନ ଓ ହେଲପର ଶାନ୍ତନୁ ନାୟକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଏଏସଆଇ ବିନୟ ମହାରଣା, ଏଏସଆଇ ବୁଲୁ ବେହେରା ପହଞ୍ଚି ଦୁର୍ଘଟଣା ସ୍ଥଳରେ ଯାଞ୍ଚ କରୁଛନ୍ତି। କେନ୍ଦୁଝରରୁ ଆଜବେଷ୍ଟସ ବୋଝେଇ ହୋଇ ଟ୍ରକ୍‌ଟି ସାରଙ୍ଗଗଡ଼ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଘଟଣା ସ୍ଥଳକୁ ଯାଇଥିଲେ।

### ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ

ଖଜୁରୀପଡ଼ା,୬।୬-ଖଜୁରୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବାରିକୁମ୍ପା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ପ୍ଲାଷ୍ଟିକ ପ୍ରଦୂଷଣ ନିରାକରଣ ଉପରେ ଗୁରୁତ୍ୱ ଦେଇ ଲୋକଙ୍କୁ ସଚେତନ କରାଯାଇଛି। ଗଛ ଲଗାଇବା ପରିବେଶ ବଞ୍ଚାଇବା ଏବଂ ସୁସ୍ଥ ସମାଜ ଗଠନ କରିବା ବୋଲି କହି ଡା. ପୀୟୂଷ ମୋହନ ସାମଲ ସଚେତନ କରିଥିଲେ। ମେଡିକାଲ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଚନ୍ଦ୍ର ଶେଖର ବେହେରାଙ୍କ ସହିତ ମେଡିକାଲ କର୍ମଚାରୀ ମାନେ ସାମିଲ ହୋଇଥିଲେ।

# ଚିକିତ୍ସାଧୀନ ଶିଶୁର ମୃତ୍ୟୁ, ଉତ୍ତେଜନା

## ଏକ୍ସପାଏରି ଔଷଧ ଦିଆଯିବା ଘଟଣା

ପାରଳାଖେମୁଣ୍ଡି, ୬।୬ (ଡି.ଏନ୍.ଏ)

ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଯାଜପୁର ଗ୍ରାମର ୧୧ ମାସର ଶିଶୁ ସଚିତ ସଇଁସାଙ୍କୁ ଗତ ଏପ୍ରିଲ ୭ରେ ଡାକ୍ତରଖାନାରେ ଏକ୍ସପାଏରି ଔଷଧ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ଗତ ମେ' ୨୩ରେ ଏ ନେଇ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଚିକିତ୍ସଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ସୂଚନା ପ୍ରକାରେ, ଗୋଷାଣୀ ବ୍ଲକ ଅନ୍ତର୍ଗତ ଯାଜପୁର ଗ୍ରାମର ଆଶାକର୍ମୀ ସମ୍ପୂର୍ଣ୍ଣା ପ୍ରଧାନ (୪୫) ଓ ଅଙ୍ଗନବାଡି ଦିଦି ସଂଯୁକ୍ତା ବିଶ୍ୱାଳ ସୁମିତା ସଇଁସାଙ୍କ ଶିଶୁପୁତ୍ର ସଚିତଙ୍କୁ ଏପ୍ରଲ ୭ ତାରିଖରେ ଆଇରନ ଓ ଫଲିକ ଏସିଡ ଆଇପି ବୋତଲରୁ ସିରପ ଖୁଆଇଥିଲେ । ଏହାପରେ ଶିଶୁପୁତ୍ରକୁ ନିଜ ଘରକୁ ନେଇଯାଇଥିଲେ ସୁମିତା । ଘରେ ପହଞ୍ଚିବା ପରେ ଶିଶୁପୁତ୍ରଟିର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଥିଲା। ସୁମିତା ଆଶା ଦିଦିଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁଟିକୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଆନ୍ଧ୍ରର ପୁରୁଣାପାଟଣା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥା ଅବନତି ହେବାରୁ ଶ୍ରୀକାକୁଲମ ସ୍ଥିତ କିମ୍ସରେ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଶିଶୁକୁ କଟକ ଶିଶୁ ଭବନକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୁଇମାସ ପରେ ଚିକିତ୍ସା ଅବସ୍ଥାରେ ସୋମବାର ଶିଶୁଟିର ମୃତ୍ୟୁ ହୋଇଥିଲା। ଏହା ପ୍ରଚାରିତ ହେବା ପରେ ଶିଶୁର ମୃତଦେହ ରଖି ଗ୍ରାମବାସୀ ରବିବାର ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତହସିଲଦାର ନାରାୟଣ ବେହେରା ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୦,୦୦୦ ଟଙ୍କା ପ୍ରଦାନ କରିବା ସହ ଶିଶୁର ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଥିବା ସମସ୍ତ ଖର୍ଚ୍ଚ ପ୍ରଶାସନ ତରଫରୁ ଦିଆଯିବା ସହ ଶିଶୁର ମା'ଙ୍କୁ ଚାକିରି ପ୍ରଦାନ କରାଯିବ ଏବଂ ଏହାର ସଠିକ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ଶିଶୁ ମୃତ୍ୟୁରେ ମ୍ରିୟମାଣ ମହିଳା

# ନବବଧୂର ମୃତଦେହ ଜବତ, ସ୍ୱାମୀ ଅଟକ

ଜଗନ୍ନାଥପ୍ରସାଦ,୬।୬(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଥାନା ଚିକିଲି ଗ୍ରାମରେ ମଙ୍ଗଳବାର ଜଣେ ନବବଧୂଙ୍କ ମୃତଦେହ ପୋଲିସ ଜବତ କରିଛି। ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମିନି ପ୍ରଧାନ ଶୋଇବା ଘରେ ଗୋଟିଏ ଗାମୁଛା ବେକରେ ବାନ୍ଧି ଖଟ ଉପରେ ଲାଗିଥିବା ସିଲିଂ ଫ୍ୟାନରେ ଝୁଲି ପଡି ଆତ୍ମହତ୍ୟା କରିଥିବା ପୁଅ ଘର ଲୋକେ କହିଛନ୍ତି। ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ମୃତଦେହକୁ ଜବତ କରି ସ୍ୱାମୀ ରାମଚନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରିରଖିଛି। ସୂଚନା ଅନୁସାରେ ଚିକିଲି ଗ୍ରାମର ବଂଶୀଧର ପ୍ରଧାନଙ୍କ ପୁଅ ରାମଚନ୍ଦ୍ର ଚଢିଆପଲ୍ଲୀ ଗ୍ରାମର ଖଦାଳ ନାୟକଙ୍କ ଝିଅ ମିନିଙ୍କୁ ବୈଦିକ ରୀତିନୀତି ଅନୁସାରେ ଅଢେଇ ବର୍ଷ ତଳେ ବିବାହ କରିଥିଲେ। କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ବଚସା ହେଉଥିଲା। ମଙ୍ଗଳବାର ପ୍ରାୟ ୪ ଟା ବେଳେ ବେଡ଼ ରୁମରେ ମିନି ଝୁଲିରହିଥିବା ଦେଖି ସ୍ୱାମୀ ରାମଚନ୍ଦ୍ର ଓହ୍ଲାଇଥିଲେ। ଖବର ପାଇ ଶଶୁର ଘର ଲୋକେ ପହଞ୍ଚିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ସ୍ୱାମୀ ରାମଚନ୍ଦ୍ରଙ୍କୁ ଥାନାରେ ଅଟକ ରଖିଛନ୍ତି। ସ୍ୱାଇଁଙ୍କ ମୋବାଇଲରେ କୌଣସି ଫଟୋ ଓ ଭିଡ଼ିଓକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଝଗଡା ଲାଗିରହୁଥିବା ଝିଅର ମାଆ ସୂଚନା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ବିଞ୍ଜିଗିରି ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର



ବିଞ୍ଜିଗିରି ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି।

ଭଞ୍ଜନଗର, ୬।୬(ଡି.ଏନ୍.ଏ)

ଭଞ୍ଜନଗର ବ୍ଲକ ବିଞ୍ଜିଗିରି ସ୍କୁଲକୁ ସୋମବାର ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଏ ନେଇ ଭୁବନେଶ୍ୱରରେ ଆୟୋଜିତ ଏକ ସତନ୍ତ୍ର ଉତ୍ସବରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଯୁ ଗୌରୀ ଦୋରା ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳର ବୃକ୍ଷ ପ୍ରେମୀ ଅଭିମନ୍ୟୁ ସାହୁ, ବିଦେଶୀ ସାହୁ, ରଶ୍ମିତା ସାହୁଙ୍କୁ ମଧ୍ୟ ପରିବେଶ ସୁରକ୍ଷା ପାଇଁ ପ୍ରେରଣା ଅନୁଷ୍ଠାନ ପକ୍ଷରୁ ଅନ୍ୟ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲା ସମିତି ସଭ୍ୟ ସଂଘର ବିକ୍ଷୋଭ ପ୍ରଦର୍ଶନ

ଫୁଲବାଣୀ ଅଫିସ, ୬।୬

କନ୍ଧମାଳ ଜିଲା ସମିତି ସଭ୍ୟସଭ୍ୟା ସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମିତି ସଭ୍ୟମାନେ ଏକ ରାଲିରେ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରତିବାଦ ସଭା କରାଯାଇ ସମିତି ସଭ୍ୟମାନଙ୍କ ପ୍ରତି ଚାଲିଥିବା ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଥିଲା । ନିର୍ବାଚନରେ ଜଣେ ସରପଞ୍ଚ ଯେପରି ଜିତୁଛନ୍ତି ଅନୁରୂପ ଭାବେ ସମିତି ସଭ୍ୟ ବି ସେହିଭଳି ନିର୍ବାଚିତ ହେଉଛନ୍ତି । ବ୍ଲକ ଅଧକ୍ଷ ପଦବୀ ଯାଏ ସମିତି ସଭ୍ୟଙ୍କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପରେ ଆଉ କେହି ପଚାରୁ ନାହାନ୍ତି। ବିଡିଓଙ୍କଠାରୁ ଆରମ୍ଭ କରି କୌଣସି ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି। କୌଣସି ଉନ୍ନୟନମୂଳକ କାର୍ଯ୍ୟର ଲେ ଆଉଟ ଦେବା ବେଳେ ସମିତି ସଭ୍ୟମାନଙ୍କୁ ଜଣାଯାଉନାହିଁ। ବ୍ଲକ ଅଧକ୍ଷ ମାନେ ବି ଅଣଦେଖା କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦା ଓ କ୍ଷୋଭର ବିଷୟ। ସରପଞ୍ଚଙ୍କୁ ଯେଭଳି ପ୍ରତିଟି କାର୍ଯ୍ୟରେ କ୍ଷମତା ଦିଆଯାଉଛି ସେହିଭଳି ସମିତି ସଭ୍ୟମାନଙ୍କୁ ଦିଆଯାଉ ବୋଲି ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସଂଘ ସଭାପତି ବୈଦ୍ୟନାଥ ବେହେରା, ଉପ ସଭାପତି ଜୁନେଶ ଦିଗାଲ, ସୁରଦା ପ୍ରଧାନ, ସାଧାରଣ ସମ୍ପାଦକ ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ବହୁ ସମିତି ସଭ୍ୟସଭ୍ୟାମାନେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବର୍ଜ୍ୟବସ୍ତୁ ପକାଇବା ପାଇଁ ସ୍ଥାନ ନିରୂପଣ ଦାବି

କାଶୀନଗର,୬।୬

ଏନଏସି ପକ୍ଷରୁ ଠିକ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଆଗରୁ ସ୍ଥାନୀୟ ତହସିଲ ଅଫିସ ନିକଟସ୍ଥ ଲେବଲ କ୍ରସିଂ ପାଖରେ ଥିବା ଏକ ସ୍ଥାନକୁ ଡମ୍ପିଂ ୟାର୍ଡ ରୂପେ ବ୍ୟବହାର କରାଯାଉଥିଲା ଓ ସେଠାରେ ବର୍ଜ୍ୟବସ୍ତୁ ପକା ଯାଉଥିଲା। କିନ୍ତୁ ଉକ୍ତ ସ୍ଥାନ ଜନବସତି ନିକଟରେ ରହିଥିବା କାରଣରୁ ୧୧, ୧୨, ୧୩ ୱାର୍ଡରେ ବସବାସ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ଷା ହେଲେ ପାଣି ସହ ଆବର୍ଜନା ମିଶି ସାହି ଭିତରେ ପଶୁଥିଲା ଓ ଦୂଷିତ ପରିବେଶର ସଂସ୍ପର୍ଶରେ ଆସି ଲୋକେ ବିଭିନ୍ନ ରୋଗର ଶିକାର ହେଉଥିଲେ। ତେବେ ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନଏସି କର୍ତ୍ତୃପକ୍ଷ ଉଲ୍ଲିଖିତ ସ୍ଥାନରୁ ଜମିଥିବା ସମସ୍ତ ଆବର୍ଜନା ତୁରନ୍ତ ହଟାଇ ନେବା ସହ ସହରର ଅନତି ଦୂରରେ ଥିବା ବଂଶଧାରା ନଦୀକୂଳର ଏକ ସ୍ଥାନରେ ପକାଇଥିଲେ। ବର୍ତ୍ତମାନ ବି ଉକ୍ତ ସ୍ଥାନରେ ହିଁ ଏନଏସି ପକ୍ଷରୁ ଆବର୍ଜନା ସଂଗ୍ରହ କରି ପକାଯାଉଛି। ନିକଟରେ ଥିବା ଇଦୁ ଗ୍ରାମର ଲୋକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷାଋତୁ ଆସିଲେ ପାଣିସୁଅ ସହିତ ଆବର୍ଜନା ମିଶି ଜନବସତି ଅଞ୍ଚଳରେ ପଶିବ ଓ ନଦୀଜଳ ଦୂଷିତ ହେବ ବୋଲି ସେମାନଙ୍କ ଆଶଙ୍କା ରହିଛି। ତେଣୁ ସହର ଠାରୁ ଦୂରରେ ଡମ୍ପିଂ ୟାର୍ଡ ପାଇଁ ସ୍ଥାୟୀ ସ୍ଥାନ ନିରୂପଣ କରାଯାଉ ଓ ସେଠାରେ ଆବର୍ଜନା ପକାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି।

# ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାଟପୁର,୬।୬

ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ ଡ଼େଙ୍ଗାଓସ୍ତା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଗଞ୍ଜାମ ବିଭାଗର ସେବିକା-ସେବକମାନଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ସେବିକାମାନେ କିପରି ବିନା ଖର୍ଚ୍ଚରେ ଝାଡ଼ୁ, ପୋଛା ଓ ସଫା ସୁତରା ସକାଶେ ଆବଶ୍ୟକ ହେଉଥିବା ସାମଗ୍ରୀ କିପରି ତିଆରି କରିପାରିବେ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସେବକମାନେ କିପରି ବିଦ୍ୟାର୍ଥୀମାନଙ୍କୁ ଠିକ୍ ସମୟରେ ଟ୍ରାଫିକ ନିୟମ ମାନି ସ୍କୁଲ ପହଞ୍ଚାଇବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡ଼େଙ୍ଗାଓସ୍ତା ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ରବିନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଓ ପ୍ରଧାନାଚାର୍ଯ୍ୟ ଜାନକୀବଲ୍ଲଭ ବିଶୋୟୀ ଶିବିର ଆୟୋଜନ କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଡ଼େଙ୍ଗାଓସ୍ତା ସରସ୍ୱତୀ ଶିଶୁ ମନ୍ଦିରର କମ୍ପ୍ୟୁଟର ଲ୍ୟାବ ଓ ସ୍ମାର୍ଟ କ୍ଲାସରୁମ ଉଦଘାଟନ କରିଥିଲେ। ଶୈକ୍ଷିକ ପ୍ରଶାସକ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉମାଧବ ମହାନ୍ତି ବିଦ୍ୟାଳୟରେ ସେବକ ସେବିକାଙ୍କ ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ।ତିନିଦିନ ଧରି ଚାଲିଥିବା ଶିବିରରେ ଦକ୍ଷିଣ-ପୂର୍ବ ସମ୍ଭାଗ ସଭାପତି ଡ଼. ତାରାପ୍ରସାଦ ଦାଶ, ସଦସ୍ୟା ଗୀତାରାଣୀ ମିଶ୍ର ଓ କେ. ପୁଷ୍ପାଞ୍ଜଳି ଦାଶ, ଗଞ୍ଜାମ ବିଭାଗ ପ୍ରମୁଖ ଉପେନ୍ଦ୍ର ପଣ୍ଡା, ଫୁଲବାଣୀ ବିଭାଗ ନିରୀକ୍ଷକ ରଞ୍ଜନ କୁମାର ପ୍ରଧାନ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗାୟତ୍ରୀ ଶିକ୍ଷା ଅନୁଷ୍ଠାନ ନିର୍ଦ୍ଦେଶକ ଉତ୍ତମ ପାଣିଗ୍ରାହୀ ଓ ସମାଜସେବୀ ଗଦାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି।

# ଚାକିରି ନାଁରେ ୫୦ ହଜାର ଠକିନେଲେ

ହିଞ୍ଜିଳିକାଟୁ,୬।୬(ଡି.ଏନ.ଏ.)

ଏୟାର ପୋର୍ଟରେ ଚାକିରି କରାଇଦେବା ନା'ରେ ଏକ ଠକ ସଂସ୍ଥା ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବକଙ୍କ ଠାରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି ।

ସିକିରି ଗ୍ରାମର ଯୁବକ ବିକାଶ ସାମଲ କିଛିମାସ ପୂର୍ବେ ଏୟାରପୋର୍ଟରେ ଚାକିରି ସକାଶେ ଅନଲାଇନରେ ଆବେଦନ କରିଥିଲେ । ଠକସଂସ୍ଥା ସଂପୃକ୍ତ ଯୁବକଙ୍କୁ ତମର ଏୟାରପୋର୍ଟରେ ଚାକିରି ହୋଇଛି ଏବଂ ପଞ୍ଜିକରଣ ସକାଶେ ୯ଶହ ୫୦ ଟଙ୍କା ମାଗିଥିଲେ । ଯୁବକ ଜଣଙ୍କ ସଂସ୍ଥା ପକ୍ଷରୁ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପଠାଇଥିଲେ। କିଛିଦିନ ପରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ସକାଶେ ୧୨ ହଜାର ଟଙ୍କା ଓ ପୁଣି ଜୀବନବୀମା ବାବଦକୁ ୩୮ ହଜାର ଟଙ୍କା ପଠାଇଥିଲେ । ପୁଣିଥରେ ୧୨ ହଜାର ଟଙ୍କା ସଂସ୍ଥା ପକ୍ଷରୁ ମାଗିବାରୁ ଯୁବକ ଜଣଙ୍କ ଠକାମିର ଶିକାର ହୋଇଥିବା ସନ୍ଦେହ କରି ଅଧିକ ଟଙ୍କା ପଠାଇବା ପାଇଁ ମନା କରି ଦେଇଥିଲେ । ସଂପୃକ୍ତ ସଂସ୍ଥା ପକ୍ଷରୁ ଯୁବକଙ୍କୁ ଟଙ୍କା ଫେରସ୍ତ କରିଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ସଂସ୍ଥା ପକ୍ଷରୁ ଟଙ୍କା ଫେରସ୍ତ ନହେବାରୁ ଯୁବକ ଜଣଙ୍କ ବାଧ୍ୟ ହୋଇ ଘଟଣା ନେଇ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନା କେସ ନଂ- ୩୯୭/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।

# ଗଟାଙ୍ଗି ଆଶ୍ରମ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ବାଲିଗୁଡା,୬।୬(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଗଟାଙ୍ଗି ସରକାରୀ ଆଶ୍ରମ ବିଦ୍ୟାଳୟକୁ ମିଳିଛି ପ୍ରକୃତି ମିତ୍ର ପୁରସ୍କାର। ଏହି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରକୃତି ପ୍ରେମୀ ସହକାରୀ ଶିକ୍ଷକ ତୀର୍ଥବାସୀ ଘଡ଼ାଇ ପ୍ରଶଂସାର ପାତ୍ର ହୋଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ତରଫରୁ ପ୍ରକୃତି ମିତ୍ର ସହକାରୀ ଶିକ୍ଷକ ତୀର୍ଥବାସୀ ଘଡ଼ାଇ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଠାରୁ ପୁରସ୍କାର ସହ ୨୦ ହଜାର ଟଙ୍କାର ଚେକ ଗ୍ରହଣ କରଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘନଶ୍ୟାମ ପ୍ରଧାନ, ସମସ୍ତ କର୍ମଚାରୀ, ବିଦ୍ୟାଳୟ କମିଟି, ଗ୍ରାମବାସୀ ଖୁସିବ୍ଯକ୍ତ କରିଛନ୍ତି। ଘଡ଼ାଇଙ୍କ ନିକଟକୁ ବର୍ତ୍ତମାନ ବାଲିଗୁଡା ଜନସାଧାରଣ, ସ୍ଥାନୀୟ ପ୍ରଶାସନ ଓ ବୁଦ୍ଧିଜୀବୀଙ୍କ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ସମସ୍ୟାରେ ଜର୍ଜରିତ ଖାରିଗୁମା ରଙ୍ଗମାଟି ସାହି



ମହିଳାମାନେ କୂଅରୁ ପାଣି ନେଉଛନ୍ତି।

ପାରଳାଖେମୁଣ୍ଡି/ମୋହନା, ୬।୬ (ଡି.ଏନ୍.ଏ)

ଗଜପତି ଜିଲା ମୋହନା ବ୍ଲକ ବଡସିନ୍ଧବା ପଞ୍ଚାୟତ ଅନ୍ତର୍ଗତ ଖାରିଗୁମା ଗ୍ରାମ ନିକଟ ରଙ୍ଗମାଟି ସାହିର ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସାହିରେ ୭ଟି ପରିବାରର ୫୦ ଜଣ ଲୋକ ବସବାସ କରନ୍ତି। ସମସ୍ତେ ଗରିବ ଶ୍ରେଣୀର। କୁଲି ମଜୁରୀ ଖଟି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରନ୍ତି। ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ । ପାନୀୟ ଜଳର ଉତ୍କଟ ଅଭାବ ସାଙ୍ଗକୁ ରାସ୍ତା, ବିଦ୍ୟୁତ, ଆବାସ ଯୋଜନା ଓ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଛି। ଖରାଦିନ ଆସିଲେ ଲୋକମାନେ ପାନୀୟ ଜଳ ପାଇଁ ତହଳ ବିକଳ ହୁଅନ୍ତି। ଦୀର୍ଘ ୫୦ ବର୍ଷ ପୂର୍ବେ ସାହିଠାରୁ ଅଧା କିମି ଦୂର ବିଲ ମଧ୍ୟରେ ଖୋଳାଯାଇଥିବା ଏକ ପରିତ୍ୟକ୍ତ ପଥର କୂଅର ଦୂଷିତ ଜଳକୁ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରନ୍ତି। ଫଳରେ ବିଭିନ୍ନ ସମୟରେ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଣୁ ସାହିର ମହିଳା ଓ ପୁରୁଷମାନେ ଜଙ୍ଗଲୀ ରାସ୍ତା ପାର ହୋଇ ୧ କିମି ଦୂରରେ ଥିବା ଶବର ସାହିକୁ ଯାଇ ନଳକୂପରୁ ପାଣି ଆଣି ବ୍ୟବହାର କରନ୍ତି। ଜଳକଷ୍ଟ ଏମାନଙ୍କ ପାଇଁ ଯମ ଯନ୍ତ୍ରଣା ବୋଲି ସାହିବାସୀ ଅଭିଯୋଗ କରିଛନ୍ତି। ସାହିଠାରୁ ୧ କିମି ଦୂରତାରେ ଥିବା ବେଲେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏମଜିଏନଆରଇଜିଏସ୍ ରାସ୍ତା ଅବସ୍ଥା ଶୋଚନୀୟ। ଗାଁଠାରୁ ୨ କିମି ଦୂରରେ ରାଜ୍ୟ ରାଜପଥ ରହିଛି। କିନ୍ତୁ ଗାଁକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ଏଣୁ ଏହି ରାସ୍ତାକୁ ପକ୍କା ସଡ଼କ ନିର୍ମାଣ ପାଇଁ ଲୋକେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ସେହିପରି ଘରକୁ ବିଜୁଳି ଏମାନଙ୍କ ପାଇଁ ସ୍ୱପ୍ନ। ସାହିଠାରୁ ୧ କିମି ଦୂରତା ଶବର ସାହିରେ ବିଦ୍ୟୁତ ସଂଯୋଗ ରହିଛି। କିନ୍ତୁ ଏହି ସାହିକୁ ଖୁଣ୍ଟ ପୋତାଯାଇନାହିଁ। ଗାଁରେ ସମସ୍ତଙ୍କ ଘର ନଡା ଓ ଟିଣ ଛପର ଘର। ଲୋକେ ଆବାସ ଯୋଜନା କ'ଣ ଯାଣନ୍ତି ନାହିଁ। ଜରୁରୀ ଚିକିତ୍ସା ପାଇଁ ୧୨ରୁ ୧୩ କିମି ଦୂର ମାହନା ଓ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏଣୁ ରଙ୍ଗମାଟି ସାହିରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ସାହିର ଗୌରୀ ଦଳାଇ, ଯମୁବତୀ ଦଳାଇ, ସାବିତ୍ରୀ ଦଳାଇ, ଉଦ୍ଧବ ମଲିକ, ତୁଳସୀ ଦଳାଇ, କୁନି ଦଳାଇ, ଲକ୍ଷ୍ମୀ ଦଳାଇ, ସାଟି ମଲିକ, ଆନନ୍ଦ ମଲିକ, ଉମା ଦଳାଇ, ପ୍ରତିମା ମଲିକ, ପ୍ରଭାକର ଦଳାଇ ପ୍ରମୁଖ ପ୍ରଶାସନ ନିକଟର ଦାବି କରିଛନ୍ତି।

# କେନ୍ଦ୍ର ଅର୍ଥ ରାଜ୍ୟ ଠିକ୍ ବିନିଯୋଗ କରୁନାହିଁ

## କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଅଭିଯୋଗ

ଫୁଲବାଣୀ ଅଫିସ, ୬।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ଭାଜପା ସରକାରକୁ ଇତି ମଧ୍ୟରେ ୯ ବର୍ଷ ପୂରିଛି। ଏହି ଅବସରରେ ଦିନିକିଆ କନ୍ଧମାଳ ଗସ୍ତରେ ଆସିଥିବା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସରକାରଙ୍କ ଉପଲବ୍ଧି ବର୍ଣ୍ଣନା କରିଛନ୍ତି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଯାହା ଦେଶରେ ୭୦ ବର୍ଷ ଧରି ହୋଇ ପାରି ନ ଥିଲା, ତାହା ମୋଦୀଙ୍କ ନେତୃତ୍ୱରେ ଏହି ୯ ବର୍ଷ ମଧ୍ୟରେ ସମ୍ଭବ ହୋଇଛି। ବିଶେଷ କରି ଆଦିବାସୀ, ଦଳିତ ଓ ମହିଳାମାନଙ୍କ ବିକାଶ ଦିଗରେ ଐତିହାସିକ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ଗ୍ରାମାଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି କେନ୍ଦ୍ର ସରକାର। ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳତାର ବାର୍ତ୍ତା ଗ୍ରାମଠୁ ସହର ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଗଣମାଧ୍ୟମକୁ ନିବେଦନ କରିଥିଲେ ମନ୍ତ୍ରୀ। ତେବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ରାଜ୍ୟ ସରକାର ଠିକ ଭାବେ ବିନିଯୋଗ କରୁ ନ ଥିବା ଅଭିଯୋଗ କରିଛନ୍ତି ମନ୍ତ୍ରୀ ଟୁଡୁ। ଆୟୁଷ୍ମାନ ଯୋଜନା ସହିତ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନା ସବୁକୁ ଲାଗୁ କରିବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଶ୍ରୀ ଟୁଡୁ। ଏପରିକି ଅନେକ କେନ୍ଦ୍ର ଯୋଜନାକୁ ହଡପ କରି ନିଜ ନାମରେ ଲାଗୁ କରୁଥିବା ସେ ଅଭିଯୋଗ କରିଥିଲେ। ଗସ୍ତ ଅବସରରେ ଫୁଲବାଣୀ ଠାରେ ନିର୍ମାଣାଧୀନ ମେଡିକାଲ କଲେଜ ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଅର୍ଥ ଉଚିତ ମାର୍ଗରେ ଖର୍ଚ୍ଚ ହେଉଛି କି ନାହିଁ ସେ ନେଇ ସମୀକ୍ଷା କରିଥିଲେ । ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଦଳୀୟ କର୍ମୀଙ୍କୁ ମୋଦୀ ସରକାରଙ୍କ ଉଲ୍ଲେଖନୀୟ ସଫଳତାର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଏସସି ମୋର୍ଚ୍ଚା ସଭାପତି ସଞ୍ଜୟ ନିର୍ମଳ, ବିଜେପି ଜିଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ, ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ବରିଷ୍ଠ ନେତା।

## ସଂକ୍ଷେପରେ

### ବିଡିଓଙ୍କ ଗାଡ଼ି ଦୁର୍ଘଟଣା

ଦାରିଙ୍ଗବାଡି,୬।୬(ଡି.ଏନ.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ରଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ବିଡ଼ିଓ ପାତ୍ର ଓ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ପ୍ରକାଶ ଯେ, ବିଡ଼ିଓ ପାତ୍ର ସରକାରୀ କାର୍ଯ୍ୟରେ ମଙ୍ଗଳବାର ଅପରାହ୍ନରେ ଫୁଲବାଣୀ ଯାଉଥିଲେ। କ. ନୂଆଗାଁ ବ୍ଲକ ସାରଙ୍ଗ ଥାନା ବାଲକିତାଡ଼ି ଗ୍ରାମର ଏକ ବୁଲାଣି ରାସ୍ତାରେ ଏହି ଦୁର୍ଘଟଣା ହୋଇଥିଲା। ଦୁଇଟି ଘୁଷୁରୀ ସମ୍ମୁଖକୁ ଆସିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଡ୍ରେନ ଭିତରେ ପଶିଯାଇଥିଲା।

### ଏନ୍‌ଏସି ତରଫରୁ ଶୋକସଭା

ସୋରଡ଼ା,୬।୬ (ଡି.ଏନ୍.ଏ): ବାହାନଗା ଟ୍ରେନ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ମୃତ ଘଟଣା ରାଜ୍ୟ, ଦେଶ, ତଥା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିବା ବେଳେ ମୃତାହତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି କାମନା କରି ଗଞ୍ଜାମ ଜିଲା ସୋରଡ଼ା ଏନ୍‌ଏସି ତରଫରୁ ଦୈନିକ ମାର୍କେଟ ପରିସରରେ ସୋମବାର ସନ୍ଧ୍ୟାରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଞ୍ଚଳର ବୁଦ୍ଧିଜୀବୀ ତଥା ରାଜନେତା ସାଧାରଣ ଲୋକ ମିଳିତ ଭାବରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶିବଶଙ୍କର ପଣ୍ଡା, ଉପାଧକ୍ଷା ଭାଗ୍ୟଲତା ଡାକୁଆଙ୍କ ସମେତ ସମସ୍ତ କାଉନସିଲର, ବ୍ୟବସାୟୀ, ଶିକ୍ଷକ, ଅଧାପକ, ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଜନତା ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ମୃତକଙ୍କ ପରିବାରକୁ ଅସୀମ ଧୈର୍ଯ୍ୟ ଏବଂ ସାହସ ଯୋଗାଇଦେବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଛନ୍ତି।

### ଦଣ୍ଡପାଣି ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ପୋଲସରା, ୬।୬: ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସର ସ୍ୱର ତରଫରୁ ସମ୍ବର୍ଦ୍ଧନା ସଭା ଓ ପୂର୍ଣ୍ଣିମା ସାହିତ୍ୟ ଆସର ପୋଲସରା ଶରଣ ଶ୍ରୀକ୍ଷେତ୍ର ମାରଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ବି ପ୍ରକାଶ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସହ ଆଠଗଡ଼ ଓ ଘୁମୁସର ଅଞ୍ଚଳର ଅନେକ କବି ଓ ଲେଖକଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀରେ ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଦଣ୍ଡପାଣି ମହାପାତ୍ର, ମୁଖ୍ୟବକ୍ତା ଅନନ୍ତ କର, ସମ୍ମାନିତ ଅତିଥି ପ୍ରଶାନ୍ତ ନନ୍ଦ, ଆବାହକ ଖାଲି ପରିଡ଼ା ମଞ୍ଚାସୀନ ଥିବା ବେଳେ ରାଇରଞ୍ଜନ ନନ୍ଦ କବିତା ଗୁଡ଼ିକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ଚରଣ ଜେନା, ତ୍ରିନାଥ ପ୍ରଧାନ, ରଞ୍ଜନ ମିଶ୍ର, ମମତା ସୁଆର, ପ୍ରଜ୍ଞା ପ୍ରସାଦ ତଥାଗତ, ନୀଳାଚଳ ପାତ୍ର, କୁନା ସେଠି, ଜି. ରଜେଶ୍ୱର ପାତ୍ର, ଶ୍ରୀନିବାସ ପଣ୍ଡା, ତ୍ରିନାଥ ବେହେରା, କାମରାଜୁ, ସନ୍ତୋଷ ପାଢ଼ୀ ଉପସ୍ଥିତ ଥିଲେ।

### ଗୋ ବନ୍ଧ୍ୟା ନିରାକରଣ ଶିବିର

ପାରଳାଖେମୁଣ୍ଡି/ଗୋଷାଣୀ, ୬।୬ (ଡି.ଏନ୍,ଏ): ଗଜପତି ଜିଲା ଗୋଷାଣୀ ବ୍ଲକରେ ରାଷ୍ଟ୍ରୀୟ ଗୋକୁଳ ମିଶନ ଓ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ଗୁରାଣ୍ଡି ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଓ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମାକାନ୍ତ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜି.ତିରୁପତି ରାଓ, ଅଧକ୍ଷ, ଜିଲ୍ଲା ପରିଷଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏନ.ବିରାରାଜୁ, ଅଧକ୍ଷ, ପଞ୍ଚାୟତ ସମିତି ଗୋଷାଣୀ, ଶ୍ରୀମତୀ ଶିଲ୍ପା ପାତ୍ର, ସ୍ଥାନୀୟ ସରପଞ୍ଚ ଗୁରାଣ୍ଡି, କେ.ରାମା ରାଓ, କାଉନସିଲର, ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାଷୀମାନଙ୍କୁ ଉତ୍ତମ ଗୋପାଳନରେ ସରକାରଙ୍କର ସୁବିଧା ବିଷୟରେ କହିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନାରାୟଣ ମହାପାତ୍ର, ଡ଼ା. ଶ୍ରୀକାନ୍ତ ଖଟୁଆ, ଡ଼ା. ତରୁଣ ପାତ୍ର, ଡ଼ା. ପ୍ରଶାନ୍ତ ସାମଲ, ଡ଼ା. ଶୁଭକାନ୍ତ ମଲ୍ଲିକ, ଡ଼ା. ଦିଲ୍ଲୀପ କୁମାର ସାହୁ, ଡ଼ା. ବାମୁଡ଼ି ସାଇନନ୍ଦ, ଡା.ପ୍ରଭଞ୍ଜନ କୁମାର ପ୍ରଧାନ ଓ ବିଭିନ୍ନ ପ୍ରାଣୀ ସହାୟକ କେନ୍ଦ୍ରର ପ୍ରାଣୀଧନ ନିରୀକ୍ଷକ ଏହି ଶିବିରରେ ସହଯୋଗରେ କରିଥିଲେ। ଏହି ଶିବିରରେ ଡ଼ାକ୍ତର ବିଦ୍ଯୁ ଶେଖର ମିଶ୍ର, ଉପ-ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଅଧିକାରୀ ପାରଳାଖେମୁଣ୍ଡି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଡ଼ା.ଲିମା ମହନ୍ତି , ଭିଏଏସ, ରାୟଗଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟକ୍ଷମ ହୋଇନି ୩ ନୂଆ ବସ୍‌ଷ୍ଟାଣ୍ଡ

## ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁରରେ ଖର୍ଚ୍ଚ ହୋଇଛି ୨୫ କୋଟିରୁ ଊର୍ଦ୍ଧ୍ୱ

ଛତ୍ରପୁର,୬।୬(ଡି.ଏନ.ଏ)

ଗଞ୍ଜାମ ଜିଲାର ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁର ଠାରେ ନବନିର୍ମିତ ବସ୍‌ଷ୍ଟାଣ୍ଡ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନି। ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଗୁଡିକର ଉଦ୍‌ଘାଟନ କରିଥିଲେ। ମାତ୍ର ବସ ମାଲିକମାନେ ବିଭିନ୍ନ ସମସ୍ୟା ଦର୍ଶାଇ ଷ୍ଟାଣ୍ଡକୁ ବସ୍ ନେଉନାହାନ୍ତି। ଏପରିକି ଜିଲା ପ୍ରଶାସନ ମଧ ଏ ଦିଗରେ ଆଖିଦୃଶିଆ ଉଦ୍ୟମ କରିନି। ଫଳରେ ୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ୩ ବସ୍‌ଷ୍ଟାଣ୍ଡରୁ ଜନସାଧାରଣ କୌଣସି ସୁଫଳ ପାଇପାରୁନାହାନ୍ତି।

ବ୍ରହ୍ମପୁର ମହାନଗର ନିଗମରେ ଜନସଂଖ୍ୟା ଓ ଚାରିଚକିଆ ଯାନର ବୃଦ୍ଧି ଯୋଗୁ ଟ୍ରାଫିକ ସମସ୍ୟା ସମାଧାନ ଏବଂ ଦୁର୍ଘଟଣା କମାଇବା ଲାଗି ୨୦୧୪ରେ ହଳଦିଆପଦରଠାରେ ୫ ଏକର ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡ କାର୍ଯ୍ୟ ସରିବା ପରେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦଘାଟନ କରିଥିଲେ। ବସଷ୍ଟାଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ବସ୍‌ର ପାର୍କିଂ ବ୍ୟବସ୍ଥା, ଦୋକାନ ଗୃହ, ଶୌଚାଳୟ, ବିଶ୍ରାମାଗାର, ଏକାଧିକ ଟିକଟ କାଉଣ୍ଟର, ଗ୍ୟାରେଜ୍ ଆଦିର ବ୍ୟବସ୍ଥା ହୋଇଥିଲା। ତେବେ ୭ ବର୍ଷ ହେଲା ଏହା ଅବ୍ୟବହୃତ ହୋଇପଡିଛି। ଏବେ ଉକ୍ତ ବସଷ୍ଟାଣ୍ଡକୁ କନିଷ୍ଠ ତହସିଲ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜିଲା ସଦରମହକୁମା ଛତ୍ରପୁରଠାରେ ୬.୪୪ ଏକର ଜମିରେ ଆଉ ଏକ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଏହା ମଧ କାର୍ଯ୍ୟକ୍ଷମ ନ ହୋଇ ଏକପ୍ରକାର ଭୂତକୋଠି ଭାବେ ରହିଛି। ସେହିପରି ଜିଲାର ପର୍ଯ୍ୟଟନସ୍ଥଳ ଗୋପାଳପୁରଠାରେ ୬ କୋଟି ଟଙ୍କା ବ୍ୟୟରେ ଏକ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ୭ ବର୍ଷ ପରେ ଏହା ମଧ କାର୍ଯ୍ୟକ୍ଷମ ହୋଇପାରିନି। ବସଷ୍ଟାଣ୍ଡଗୁଡିକ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଯାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବସ୍‌ଗୁଡିକ ରାସ୍ତା ଉପରେ ଯାତ୍ରୀ ଉଠାଉଛନ୍ତି। ୩ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଅବହେଳାରେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୫ ଦିନ ମଧରେ ୩ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ନ ହେଲେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି।

# ସାନ ଭାଇ ଟାଙ୍ଗିଆ ଚୋଟରେ ବଡ଼ଭାଇଙ୍କ ମୃତ୍ୟୁ

ଫିରିଙ୍ଗିଆ, ୬।୬

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିମିରିଗୁଡ଼ା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଡିମିରିଗୁଡ଼ା ଗ୍ରାମର ନରେନ୍ଦ୍ର ବିନ୍ଧାଣୀ ଓ ତାଙ୍କ ସାନ ଭାଇ କର୍ଣ୍ଣ ବିନ୍ଧାଣୀଙ୍କ ମଧରେ ସୋମବାର ରାତିରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରିବାର ଓ ସାହିପଡିଶା ଲୋକେ ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। ନରେନ୍ଦ୍ର ଖାଇ ସାରି ରେ ବାରଣ୍ଡାରେ ରାତିରେ ଏକ ଖଟିଆରେ ଶୋଇଥିଲେ। କିଛି ସମୟ ପରେ ସାନ ଭାଇ କର୍ଣ୍ଣ ନରେନ୍ଦ୍ରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ନରେନ୍ଦ୍ରଙ୍କ ସ୍ତ୍ରୀ ଏହା ଦେଖି ଘର ଲୋକଙ୍କୁ ଡାକିଥିଲେ। ନରେନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ଫିରିଙ୍ଗିଆ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସା ଦିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଏକ ରକ୍ତ ଲାଗିଥିବା ଟାଙ୍ଗିଆ ପଡିଥିଲା। ମୃତକଙ୍କ ପୁଅ ଅକ୍ଷୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ହୋଇଥିବା ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି। ଶବ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ତପନ ନାହାକ ସୂଚନା ଦେଇଛନ୍ତି।

# ଏନ୍‌ଏସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ କର୍ମଚାରୀ।

ବୁଗୁଡା,୬।୬(ଡି.ଏନ.ଏ.)

ବୁଗୁଡା ଏନ୍‌ଏସିର ଦୁଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ରବିନ୍ଦ୍ର ନାଥ ପାଢୀ ଓ ବିରଞ୍ଚି ନାରାୟଣ ପାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମି ରଂଜନ ଦାସ, ପିତବାସ ପ୍ରଧାନ, ଜଗଦୀଶ ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଅଶୋକ କୁମାର ସାହୁ, ସଂକେତ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରଧାନ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ରବିନ୍ଦ୍ର ଓ ବିରଞ୍ଚିଙ୍କ ନିଷ୍ଠାପର କର୍ତ୍ତବ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପେନ୍‌ସିଲ ଆର୍ଟ ଓ ସ୍କ୍ରିବଲିଂ ଆର୍ଟରେ ନିପୁଣ ୨ ଭାଇ



ପେନସିଲ ଆର୍ଟ ଓ ସ୍କ୍ରିବଲିଂ ଆର୍ଟ

ବେଗୁନିଆପଡ଼ା,୬।୬

ଅମ୍ଲାନ ଗୌରବ କୁମାର ଓ ଆୟୁଷ ଅଂଶୁମାନ ଦୁଇ ଭାଇ। ଅମ୍ଲାନ +୩ ବିଜ୍ଞାନ ପଢା ସରିଥିବା ବେଳେ ଆୟୁଷ ଦ୍ୱାଦଶ ବିଜ୍ଞାନ ପଢ଼ା ସରିଛି। ଉଭୟଙ୍କ ପଢା ସହିତ ଲୁକ୍କାୟିତ ଭାବରେ ଚିତ୍ର ପ୍ରତି ଥିଲା ଅହେତୁକ ଦୁର୍ବଳତା। ଅମ୍ଲାନ ପେନସିଲ୍ ଆର୍ଟରେ ସିଦ୍ଧହସ୍ତ ଥିବା ବେଳେ ଭାଇ ଆୟୁଷ ଡ଼ଟ୍ ପେନରେ ସ୍କ୍ରିବଲିଙ୍ଗ ଆର୍ଟରେ ମାହିର। ଅମ୍ଲାନ ଗ୍ରାଫ କରି ଅବିକଳ ଫଟୋ ବନାଉଥିବା ବେଳେ ଆୟୁଷ ବିନା ଗ୍ରାଫରେ ଅବିକଳ ଫଟୋ ବନାଇଛନ୍ତି। ଅମ୍ଲାନ ଓ ଆୟୁଷଙ୍କ ଘର ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଶାଙ୍କୁଡା ପଞ୍ଚାୟତର ଲଛିପୁର ଗ୍ରାମରେ ଅମ୍ଲାନଙ୍କ ବାବା ବିନୋଦ କୁମାର ମହାରଣା ଓ ଆୟୁଷଙ୍କ ବାବା ଦେବେନ୍ଦ୍ର କୁମାର ମହାରଣା। ବିନୋଦ ଓ ଦେବେନ୍ଦ୍ର ଦୁଇ ଭାଇ ହୋଇଥିବା ବେଳେ ଉଭୟଙ୍କ ଲୁକ୍କାୟିତ ପ୍ରତିଭା ହଠାତ୍ ନଜରକୁ ଆସିଥିଲା। ଉଭୟଙ୍କ ସାଙ୍ଗସାଥୀ ସେମାନଙ୍କୁ ଉତ୍ସାହିତ କରିବା ପରେ ସେମାନେ ଏହି ପ୍ରତିଭାକୁ ବିକଶିତ କରିବାକୁ ବେଶ ଆଗ୍ରହୀ। ବିନା ତାଲିମରେ ଉଭୟେ ଏହି କଳାକୁ ନିଜର କରିବା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟୁଛି।

# ଘୁମୁସର ଜିଲା ପ୍ରାଥମିକ ବର୍ଗ ଶୁଭାରମ୍ଭ

ସୋରଡା, ୬।୬(ଡି.ଏନ୍.ଏ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଘୁମୁସର ଜିଲାର ୯ ଦିନିଆ ପ୍ରାଥମିକ ବର୍ଗ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଗଞ୍ଜାମ ଜିଲା ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ବେଲଗୁଣ୍ଠା, ବୁଗୁଡା, ପୋଲସରା, କବିସୂର୍ଯ୍ୟନଗର, ଆସ୍କା, ଧରାକୋଟ ସମେତ କନ୍ଧମାଳ ଜିଲାର ରଣବା, ରାଇକିଆ, ଇନ୍ଦ୍ରଗଡ, ଗଜପତି ଜିଲାରୁ ୨୦୦ ରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକମାନେ ଯୋଗଦେଇଛନ୍ତି। ପ୍ରାତଃ ସମୟରେ ଯୋଗ, ବ୍ୟାୟାମ, ଶାରୀରିକ, ମାନସିକ, ବୌଦ୍ଧିକ ଶିକ୍ଷା ସହ ସମାଜ ସେବା, ପରିଚାଳନା ଗତ ଦକ୍ଷତା, ଶୃଙ୍ଖଳା ସହାବସ୍ଥାନ, ଭାଷା ବିଜ୍ଞାନ, ସାମୂହିକ ବିକାଶ, ଦୃଢ ମାନସିକତା ଉପରେ ପ୍ରତିଦିନ ବର୍ଗରେ ଶିକ୍ଷା ଦିଆଯିବ। ସନ୍ଧ୍ୟାରେ ବର୍ଗ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଘୁମୁସର ଜିଲା ସଂଘ ଚାଳକ ବନମାଳୀ ଗଉଡ, କାର୍ଯ୍ୟବାହ ବିଚିତ୍ରାନନ୍ଦ ପଲେଇ, ବିଭାଗ ପ୍ରଚାରକ ବିଜୟ କୁମାର ସାମଲ ଯୋଗଦେଇ ପ୍ରଦୀପ ପ୍ରଜଳନ କରିଥିଲେ। ବିଭାଗ ପର୍ଯ୍ୟବେକ୍ଷକ ଅରୁଣ କୁମାର ନାୟକ, କାର୍ଯ୍ୟବାହ ବାଳକୃଷ୍ଣ ଗଉଡ ପରିଚାଳନା କରୁଥିବା ବେଳେ ବରିଷ୍ଠ ସ୍ୱୟଂ ସେବକ ଉପେନ୍ଦ୍ର ନାଥ ପାତ୍ରସ୍, ଶିଶୁମନ୍ଦିରର ଗୁରୁଜୀ ସୁନୀଲ କୁମାର ରଥ ପ୍ରମୁଖ ସହଯୋଗ କରୁଛନ୍ତି।

# ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ



ପରିମଳ କର୍ମଚାରୀ

ରମ୍ଭା,୬।୬

ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ଅବସରରେ ଅଧକ୍ଷା ମାନସୀ ସ୍ୱାଇଁଙ୍କ ଅଧକ୍ଷତାରେ ଗରିମା ଯୋଜନାରେ ପ୍ରମୁଖ ୪୦ ଜଣ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏଥିଲାଗି ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ତଥା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଉପାଧକ୍ଷ କାଳିଆ ତରେଇ ପ୍ରମୁଖ ଯୋଗଦେଇ ମୌଳିକ ସମସ୍ୟା, ମୁକ୍ତାଯୋଜନା, ପରିଷ୍କାର ପରିଚ୍ଛନ୍ନତା, ଜୀବନ ଜୀବିକା, ଜଳ ଅପଚୟ ଆଦି ଉପରେ ଆଲୋକପାତ କରିଥିଲେ। ଡ଼ଃ .ସରୋଜ ଦାଶ ଶିବିରକୁ ସଂଯୋଜନା କରିଥିଲେ। ଦୀପକ କୁମାର ବିଷୋୟୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କର୍ମଚାରୀ ସର୍ବନାମ ଦାଶ, ବିକ୍ରମ କେଶରୀ ସାମଲ, ସୁକାନ୍ତ ମହାରଣା, ଜି. ସଙ୍ଗମ ଚୌଧୁରୀ, ପ୍ରମୋଦିନୀ ମହାରଣା, ମନୋଜ କୁମାର ସେନାପତି ସହିତ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇ ସହଯୋଗ କରିଥିଲେ। କାଉନସିଲର ମାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଆରସ୍ମିନ ଜନତା ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ଜି.ଉଦୟଗିରି,୬।୬(ଡି.ଏନ.ଏ.)

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରକୃତି ମିତ୍ର ଭାବେ ଭୁବନେଶ୍ୱରଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ଜି.ଉଦୟଗିରି ଗ୍ରେସିଙ୍ଗିଆ ଆରସ୍ମିନ ଜନତା ହାଇସ୍କୁଲକୁ ପୁରସ୍କୃତ କରି ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଜି.ଉଦୟଗିରି ବ୍ଲକ ଗ୍ରେସିଙ୍ଗିଆଠାରେ ଥିବା ଆରସ୍ମିନ ଜନତା ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ପ୍ରକୃତି ମିତ୍ର ବିଦ୍ୟାଳୟ ଭାବେ ପୁରସ୍କୃତ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏମ୍ ଡି ଜମିଲ୍ ପ୍ରକୃତି ବନ୍ଧୁ ବିଦ୍ୟାଳୟ ପୁରସ୍କାର ମୁଖ୍ୟ ଅତିଥିଙ୍କଠାରୁ ଗ୍ରହଣ କରିଥିବା ସୂଚନା ମିଳିଛି।



ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

# ସମୂହ ଛୁଟିରେ ଥିବା ଅମଲାଙ୍କ ଧାରଣା ଜାରି

ଆର.ଉଦୟଗିରି,୬।୬(ଡି.ଏନ.ଏ.)

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆର.ଉଦୟଗିରି ଶାଖା କର୍ମଚାରୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିଛନ୍ତି। ଆର.ଉଦୟଗିରି ଶାଖାର ବିଭିନ୍ନ ବିଭାଗ ଯଥା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସମନ୍ୱିତ ଶିଶୁ ବିକାଶ ବିଭାଗ, ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟର ଅମଲାମାନେ ସମୂହ ଛୁଟି ନେଇ ୬ ଦିନ ହେଲା ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ବେତନ ବୃଦ୍ଧି ଓ ଗ୍ରେଡ ପେ ୧୯୦୦ ରୁ ୪୨୦୦ ବୃଦ୍ଧି ଦାବି ପୂରଣ ନହେବା ଯାଏ ସେମାନେ ଧାରଣାରେ ବସି ରହିବେ ବୋଲି ଶାଖା ପକ୍ଷରୁ କୁହାଯାଇଛି।

# ଅମଲାଙ୍କ ଧାରଣା, ଲୋକେ ହନ୍ତସନ୍ତ

କୋଟଗଡ, ୬।୬ (ଡି.ଏନ.ଏ)

ଶିକ୍ଷାଗତ ଯୋଗ୍ୟତା ହାରରେ ଦରମା ବୃଦ୍ଧି ଦାବି ନେଇ ସାରା ରାଜ୍ୟରେ ଅମଲାଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ କନ୍ଧମାଳ ଜିଲା କୋଟଗଡ ବ୍ଲକରେ ମଧ ଅମଲାଙ୍କ ଆନ୍ଦୋଳନ ଚାଲୁରହିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅମଲା ମାନେ ଆନ୍ଦୋଳନ ଚଳାଇ ସେମାନଙ୍କ ଦାବି ପୂରଣ ନେଇ ଅଡ଼ି ବସିଛନ୍ତି। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ ନ କରିଛନ୍ତି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ ବୋଲି ଅମଲା ସଂଘର ସଦସ୍ୟ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ଯୋଗୁ କୋଟଗଡ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯେଉଁଥିପାଇଁ ଦୂର ଦୂରାନ୍ତରୁ ବ୍ଲକର ୧୫ଟି ପଞ୍ଚାୟତର ଶତାଧିକ ଲୋକେ ବିଭିନ୍ନ କାର୍ଯ୍ୟରେ ଆସି ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ବିଶେଷକରି ଚଳିତ ଶିକ୍ଷା ବର୍ଷରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀ ଜାତିଗତ, ଆୟ ଓ ବସିନ୍ଦା ପ୍ରମାଣ ପତ୍ର ଆଦି ବାହାର କରିବାକୁ ରାଜସ୍ୱ ଓ ତହସିଲ କାର୍ଯ୍ୟାଳୟକୁ ଆସୁଥିଲେ ମଧ ସେମାନଙ୍କର କୌଣସି କାମ ହୋଇ ପାରୁନାହିଁ। ଏହା ସହ ଗରିବ ହିତାଧିକାରୀ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ମିଳୁଥିବା ସୁବିଧା ନ ପାଇ ବ୍ଲକକୁ ଆସି ଫେରି ଯାଉଥିବା ଦେଖିବାକୁ ମିଳୁଛି।

# ବୁଗୁଡ଼ାରେ ଅଘୋଷିତ ବିଦ୍ୟୁତ୍ କାଟ



ବିଦ୍ୟୁତ୍ ସବଷ୍ଟେଶନ

ବୁଗୁଡ଼ା,୬।୬(ଡି.ଏନ.ଏ.)

ସଂପ୍ରତି ଅସହ୍ୟ ତାତିକୁ ପ୍ରବଳ ଗୁଳୁଗୁଳି ବୁଗୁଡ଼ା ଅଞ୍ଚଳବାସୀଙ୍କୁ ଜନସାଧାରଣଙ୍କୁ ନାକେଦମ କରୁଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଟାଟା ପାୱାର ବିଦ୍ୟୁତ ବିଲ୍ ଆଦାୟ ଦିଗରେ ଯେତିକି ତତ୍ପରତା ଦେଖାଉଛି, ଭିତ୍ତିଭୂମିର ସୁଧାର ଆଣିବା ଏବଂ ବିଦ୍ୟୁତ କାଟ ରୋକିବାରେ ସେତିକି ପଦକ୍ଷେପ ନେଉନାହିଁ। ପବନ କି ବର୍ଷା ହେଲେ ଲାଇନ୍ ଆସିବା କାଠିକର ପାଠ ହେଉଛି। ଆସ୍କା ନିକଟ ଚାରି ମାଇଲି ଗ୍ରୀଡ଼ରୁ ବୁଗୁଡ଼ାର ଷୋଳମାଇଲି ଠାରେ ଥିବା ବିଦ୍ୟୁତ ସବଷ୍ଟେସନକୁ ୩୩ କେଭି ଲାଇନ ଦ୍ୱାରା ବିଦ୍ୟୁତ ଆସିବା ପରେ ବୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳକୁ ବିଦ୍ୟୁତ ବଣ୍ଟନ ହେଉଛି। ତେବେ ଷୋଳମାଇଲି ସବଷ୍ଟେସନ ଠାରୁ ଚାରିମାଇଲି ଗ୍ରୀଡ଼ର ଦୂରତା ପ୍ରାୟ ୨୫ କିଲୋମିଟର ହେଉଛି। ଅଧିକାଂଶ ସମୟରେ ୩୩ କେଭି ଲାଇନରେ ତ୍ରୁଟି ରହୁଥିବା ଦର୍ଶାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଛି। ତ୍ରୁଟି ଖୋଜିବାକୁ ୨୫ କିଲୋମିଟର ପର୍ଯ୍ୟନ୍ତ ଯିବା ଓ ମରାମତି କରିବା ବେଳକୁ ଘଣ୍ଟା ଘଣ୍ଟା ସମୟ ବିତି ଯାଉଛି। ଲୋକଙ୍କ ପାଇଁ କାଳ ସାଜିଥିବା ବିଦ୍ୟୁତର ଏହି ଲୁଚକାଳି ଖେଳର କାରଣ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀଙ୍କ ଉତ୍ତର ସରକାରୀ ଘୋଷଣାକୁ ଉପହାସ ଏବଂ ସାଧାରଣ ଜନତାଙ୍କ ପ୍ରତି କଟାକ୍ଷ ପରି ମନେହେଉଛି। ସରକାରଙ୍କ ପକ୍ଷରୁ ଜନମଙ୍ଗଳକାରୀ ଘୋଷଣା ସତ୍ତ୍ୱେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବୁଗୁଡ଼ା ଠାରେ ବିଦ୍ୟୁତ ଗ୍ରୀଡ଼ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇ ୪ ବର୍ଷ ହେଲା ଜମି କ୍ରୟ ହୋଇଛି। ତେବେ ଏହା ଏକ ବିବାଦୀୟ ଜମି ହୋଇଥିବାରୁ ସେଠାରେ ଏ ପର୍ଯ୍ୟନ୍ତ ଗ୍ରୀଡ ସ୍ଥାପନ ହୋଇ ପାରିନି। ଏହାର ବିକଳ୍ପ ବ୍ୟବସ୍ଥା କରି ବୁଗୁଡ଼ା ଠାରେ ଏକ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ପାଇଁ ସାଧାରଣରେ ଦାବି ହେଉଛି।

# ଠାକୁର ଚନ୍ଦ୍ରଶେଖର ସ୍ୱାମୀଙ୍କ ଶୀତଳ ଷଷ୍ଠୀ ଯାତ୍ରା



ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

ବୁଗୁଡା,୬।୬(ଡି.ଏନ.ଏ.)

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ହରିଶରଣପୁର ଶାସନରେ ସୋମବାର ରାତିରେ ଠାକୁର ଚନ୍ଦ୍ରଶେଖର ସ୍ୱାମୀଙ୍କ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ ଯାତ୍ରା ଅବସରରେ ପୂଜକ କୈଳାସ ଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଏଥିସହ ଦାସକାଠିଆ, ଭାରତଲୀଳା ଓ ଭକ୍ତ ପ୍ରହ୍ଲାଦ ନାଟକ ଆଦି ପରିବେଷଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ଯୁବକ ସଂଘ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା।

